# ଅବହେଳା ନା ଚେତନାର ଅଭାବ ?

୨୫/୦୯/୧୯୮୮

## ଆମଘରର ହାଲଚାଲ

ସୌମ୍ୟରଞ୍ଜନ ପଟ୍ଟନାୟକ

ଭାରତର ଜାତୀୟ ଜୀବନରେ ଆମ ଓଡ଼ିଶାର ସ୍ଥାନ କଥା ଚିନ୍ତା କଲାବେଳେ ଅନେକ ସମୟରେ ମନରେ ଏତେ ପରିମାଣରେ କ୍ଷୋଭ ଓ ଅସହାୟତା ଜାତ ହୁଏ ଯେ, ସେ ବିଷୟରେ ଅଧିକ ଆଲୋଚନା ସମୀଚୀନ ମନେହୁଏ ନାହିଁ। ୧୯୩୬ ଅପ୍ରେଲରେ ଓଡ଼ିଆ ଭାଷାର ସ୍ୱାତନ୍ତ୍ର୍ୟକୁ ଜାହିର କରି ଆମେ ଦାବୀ କରିଥିଲୁ ଏକ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ। କିନ୍ତୁ ଆମକୁ ଆଉରି ୫୦ ବର୍ଷ ଲାଗିଗଲା ବୁଝିବା ପାଇଁ ଯେ, ଯେଉଁ ଭାଷାକୁ ନେଇ ଆମେ ସ୍ୱତନ୍ତ୍ର ଜାତୀୟ ସ୍ୱୀକୃତି ପାଇଲୁ, ତାକୁ ସରକାରୀ ଭାଷା ରୂପେ ମଧ୍ୟ ବ୍ୟବହାର କରାଯାଇପାରେ। ଏବେ ମଧ୍ୟ ବହୁ ପ୍ରତିଷ୍ଠିତ ଏବଂ ପ୍ରଭାବଶାଳୀ ଓଡ଼ିଆ ଏ ଭାଷାକୁ ବ୍ୟବହାର କରିବା କଥା ଶୁଣି ନାସିକା କୁଞ୍ଚନ କରୁଛନ୍ତି। ଯଦି ଓଡ଼ିଆଭାଷା ଏପ୍ରକାର ବ୍ୟବହାର ପାଇଁ ମୂଳରୁ ଉପଯୁକ୍ତ ନଥିଲା, କି ଗତ ୫୦ ବର୍ଷ ଭିତରେ ହୋଇ ପାରିନାହିଁ, ତା'ହେଲେ ଆମେ ଓଡ଼ିଶା ପାଇଁ ସ୍ୱତନ୍ତ୍ର ଭାବେ ଚିନ୍ତା କରିବା କାହିଁକି ? ଆମ ସାହିତ୍ୟ, ସଂସ୍କୃତି ଏବଂ ସ୍ୱାଭିମାନର ପ୍ରଶ୍ନ ବା ଉଠିବ କିପରି ? ଆମକୁ ଜାତୀୟ ସ୍ତରରେ ଅବହେଳା କରାଯାଉଛି ବୋଲି ଅଭିଯୋଗର ବା ଅବକାଶ ରହିବ କେଉଁଠି ?

ଆମ ବିଚାରରେ ଆଜି ଓଡ଼ିଶାରେ ଯେଉଁ ଅସହାୟବୋଧ ଏବଂ ଦାରିଦ୍ର୍ୟ ଆମ ସାମଗ୍ରିକ ଜୀବନକୁ ସଂକ୍ରମିତ କରିସାରିଲାଣି, ସେଥିପାଇଁ ଅନ୍ୟର ଅବହେଳା ଅପେକ୍ଷା ଆମର ସାମଗ୍ରିକ ଅଚେତନତା ବହୁ ପରିମାଣରେ ଦାୟୀ।

ଆଜି କେବଳ ଗୋଟିଏ ଦୁଇଟି ଛୋଟ ଉଦାହରଣ ଦେଇ ଏ ସାମଗ୍ରିକ ଅଚେତନତା ପ୍ରତି ଆମ ପାଠକଙ୍କର ଦୃଷ୍ଟି ଆକର୍ଷଣ କରିବି। ଏକ ସମୃଦ୍ଧ ଜାତୀୟ ଜୀବନ ଏବଂ ଅର୍ଥନୈତିକ ବିକାଶ ପାଇଁ ଯୋଗାଯୋଗର ଭୂମିକା ଯେକେହି ହେଲେ ସ୍ୱୀକାର କରିବେ। କିନ୍ତୁ ବେସାମରିକ ବିମାନ ଚଳାଚଳ ବିଭାଗର ନ୍ୟାୟପ୍ରତି ଦୃଷ୍ଟିଦେଲେ ଓଡ଼ିଶା ପ୍ରତି, ଆମ ଅଚେତନତାର ସୁଯୋଗ ନେଇ ଯେ ଅନ୍ୟାୟ ଏବଂ ଅବହେଳା କରାଯାଉଛି ତାହା ସ୍ପଷ୍ଟ ହୋଇଯିବ। ଦିଲ୍ଲୀ ସହିତ ସିଧା ବିମାନ ଯୋଗାଯୋଗ ପାଇଁ ଆମକୁ ୧୯୮୦ ମସିହା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିଲା। ପୁଣି ସୌଭାଗ୍ୟବଶତଃ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ଶ୍ରୀମତୀ ଗାନ୍ଧୀଙ୍କ ନୂତନ ମନ୍ତ୍ରିମଣ୍ଡଳରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ହୋଇଥିଲେ ବୋଲି ଏହା କରାଇ ପାରିଲେ, ଠିକ୍ ଯେପରି ଓଡ଼ିଆ ଭାଷାକୁ ସରକାରୀ ଭାଷା କରିବା ପାଇଁ ଜଣେ ସଂସ୍କୃତି ଏବଂ ସାହିତ୍ୟପ୍ରେମୀ ମୁଖ୍ୟମନ୍ତ୍ରୀଙ୍କ ପାଇଁ ଆମକୁ ୫୦ ବର୍ଷ ଅପେକ୍ଷା କରିବାକୁ ପଡ଼ିଥିଲା। ଦିଲ୍ଲୀ ସହିତ ସିଧା ବିମାନ ଯୋଗାଯୋଗ ହେଲା ସତ କିନ୍ତୁ ଗତ ୫ ବର୍ଷ ମଧ୍ୟରେ ନିୟମିତ ଭାବରେ ଏବଂ ନିୟମିତ ସମୟରେ ବିମାନଟି ଭୁବନେଶ୍ୱରରେ ଅବତରଣ କରିପାରିଲା ନାହିଁ। ସତେ ଯେପରି ଓଡ଼ିଶାକୁ ଏତେବଡ଼ ବିମାନଟିଏ ପଠେଇ ଭାରତ ସରକାର ଆମପ୍ରତି ଦୟା କରୁଛନ୍ତି ! ସେହିପରି ବହୁ ଦିନପରେ ବମ୍ବେ ମହାନଗରୀ ସହିତ ସପ୍ତାହରେ ୩ ଥର ବିମାନ ଚଳାଚଳର ବ୍ୟବସ୍ଥା କରାଗଲା। ତାହା ପୁଣି କମି ସପ୍ତାହକୁ ଥରେ ହେଲା। ଗତ ସପ୍ତାହରେ ସେ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ବାତିଲ କରି ଦିଆଗଲା। ରାଉରକେଲା ନୂତନ ଓଡ଼ିଶାର ପୁରାତନ ଶିଳ୍ପନଗରୀ। ଭୁବନେଶ୍ୱର ଏବଂ ରାଉରକେଲା ସହିତ ଆଧୁନିକ ଯୁଗର ଚାହିଦାକୁ ଦେଖି ଯୋଗାଯୋଗର ସେପରି କୌଣସି ସୁବନ୍ଦୋବସ୍ତ ନାହିଁ। 'ବାୟୁଦୂତ' ଦ୍ୱାରା ସପ୍ତାହରେ ୩ ଥର ବିମାନ ଯୋଗେ ଯୋଗାଯୋଗର ବ୍ୟବସ୍ଥା ହୋଇଥିଲା। କେଜାଣି କାହିଁକି ତାହା ମଧ୍ୟ ବାତିଲ ହୋଇଗଲା। ଏତେ କଥା ଘଟିଗଲା, ଅଥଚ ଓଡ଼ିଶାରେ କୁଆଟିଏ ବି ରାବିଲା ନାହିଁ ? ଏହା ଅବହେଳା ନା ଆମ ଅଚେତନତାର ପରିଚୟ ଦେଉଛି ? ଓଡ଼ିଶାରେ ନୂଆକରି ଯେଉଁ ଶିଳ୍ପ ବାତାବରଣ ସୃଷ୍ଟି ହୋଇଛି, ପୁରୀ-କୋଣାର୍କ-ଭୁବନେଶ୍ୱର ପରି ପର୍ଯ୍ୟଟନର ଯେଉଁ ସୁବର୍ଣ୍ଣ ତ୍ରିଭୁଜ କଥା କୁହାଯାଉଛି ଏବଂ ସରକାର ପର୍ଯ୍ୟଟନକୁ ଏବଂ ହୋଟେଲ ବ୍ୟବସାୟକୁ ଏକ ଶିଳ୍ପରୂପେ ମାନ୍ୟତା ଦେଇ ଯେଉଁ ନୂଆ ସମ୍ଭାବନା ସୃଷ୍ଟି କରିଛନ୍ତି, ସେସବୁ ଏକ ଆବଶ୍ୟକ ବିମାନ ଯୋଗାଯୋଗ ବ୍ୟବସ୍ଥାର ଅଭାବରୁ ଅସଫଳ ହେଉଛି।

ସେହିପରି କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟର ମଧ୍ୟ ଅବହେଳା ଆଦୌ ବରଦାସ୍ତ ଯୋଗ୍ୟ ନୁହେଁ। ବୀମା କମ୍ପାନୀଗୁଡ଼ିକ ଓଡ଼ିଶାର ସ୍ୱାର୍ଥକୁ ଦେଖି ବୀମା ବ୍ୟବସ୍ଥାର ସମ୍ପ୍ରସାରଣ ପାଇଁ ଯେଉଁ ଭିତ୍ତିଭୂମିର ଆବଶ୍ୟକତା ରହିଛି, ତାହା କରୁ ନାହାନ୍ତି। ସେ ଜୀବନବୀମା ହେଉ କିମ୍ବା ଶିଳ୍ପୋଦ୍ୟୋଗୀ ପାଇଁ ଉଦ୍ଦିଷ୍ଟ ସାଧାରଣ ବୀମା ବ୍ୟବସ୍ଥା ହେଉ। ଓଡ଼ିଶାର କ୍ରମବର୍ଦ୍ଧିଷ୍ଣୁ ଶିଳ୍ପାୟନରେ ସାଧାରଣ ବୀମା କମ୍ପାନୀ ମାନଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସାଧାରଣ ବୀମା ସେବାକୁ କ୍ଷୁଦ୍ର ଶିଳ୍ପୋଦ୍ୟୋଗୀ ମାନଙ୍କ ପାଇଁ ସହଜ ଏବଂ ସୁଲଭ କରିବା ନିମନ୍ତେ ଏହି ବୀମା କମ୍ପାନୀ ଗୁଡ଼ିକର ଆଞ୍ଚଳିକ କାର୍ଯ୍ୟାଳୟ ଓଡ଼ିଶାରେ ପ୍ରତିଷ୍ଠିତ ହେବା ଦରକାର। କିନ୍ତୁ କେହି ତ ଏ ପ୍ରଶ୍ନ ଉଠାଉ ନାହାନ୍ତି, ଯଦିବା କାଁ ଭାଁ ଏ ପ୍ରଶ୍ନ କେଉଁଠି ଉଠିଲା, ଉକ୍ତ କର୍ତ୍ତୃପକ୍ଷ ଓଡ଼ିଶାରେ ପର୍ଯ୍ୟାପ୍ତ ବ୍ୟବସାୟ ନାହିଁ ବୋଲି କହି ଏ ପ୍ରଶ୍ନଟିକୁ ଏଡ଼େଇ ଦେଉଛନ୍ତି। କିନ୍ତୁ ପର୍ଯ୍ୟାପ୍ତ ବ୍ୟବସାୟ ଯେ ଅଛି ଏବଂ ଏହାକୁ କିଛି ଲୋକ ଚକ୍ରାନ୍ତ କରି ହେଉ ବା ପ୍ରଭାବ ବିସ୍ତାର କରି ହେଉ ଅନ୍ୟ ଖାତାରେ ଦେଖାଇବା ପାଇଁ ଚେଷ୍ଟା କରୁଛନ୍ତି ଏକଥା ଆମେ ଜାଣି ମଧ୍ୟ ନଜାଣିଲା ପରି ରହୁଛୁ। ଓଡ଼ିଶାରେ ନାଲ୍‌କୋ ପ୍ରକଳ୍ପଠାରୁ ଆରମ୍ଭ କରି ପାରାଦୀପ ଫସଫେଟ୍, ଜେ.କେ. ପେପର୍ସ ଏବଂ ବିରଲା ଗ୍ରୁପ ପରି ବହୁ ବଡ଼ବଡ଼ ଶିଳ୍ପସଂସ୍ଥାମାନ ଅଛନ୍ତି ଯେଉଁମାନେ ନିଜର ରେଜିଷ୍ଟର୍ଡ ଅଫିସ ଦିଲ୍ଲୀ, ବମ୍ବେ ପ୍ରଭୃତି ମହାନଗରୀ ମାନଙ୍କରେ ରଖି ସେ ଅଞ୍ଚଳ ଖାତାରେ କୋଟି କୋଟି ଟଙ୍କାର ବୀମା-ଜମା ହିସାବ ଦେଖାଉଛନ୍ତି। ଫଳରେ ଓଡ଼ିଶା ତା'ର ନ୍ୟାଯ୍ୟ ଦାବୀରୁ ବଞ୍ଚିତ ହେଉଛି। ଅତୀତରେ ଭାରତୀୟ ଷ୍ଟେଟବ୍ୟାଙ୍କର ମୁଖ୍ୟ ଶାଖା ଅଫିସ ଖୋଲିବା ନେଇ ମଧ୍ୟ ଅନୁରୂପ ଯୁକ୍ତି ଦର୍ଶାଯାଉଥିଲା। କିନ୍ତୁ ଆଜି ଓଡ଼ିଶାରେ ଷ୍ଟେଟବ୍ୟାଙ୍କ ଯେପରି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିଛି ତାହା ଯେ ଏଠାରେ ପ୍ରତିଷ୍ଠିତ ମୁଖ୍ୟ ଶାଖା ଅଫିସ ପାଇଁ ହୋଇପାରିଛି, ଏକଥା କେହି ଅସ୍ୱୀକାର କରିପାରିବେ କି ? ପୁଣି ଏହାଦ୍ୱାରା ଷ୍ଟେଟବ୍ୟାଙ୍କର ବ୍ୟବସାୟ ଏବଂ ଲାଭାଂଶ ବଢ଼ିଛି ସିନା, କମିନାହିଁ। ଏହାଛଡ଼ା ଆଉ ମଧ୍ୟ ଯୁକ୍ତି କରାଯାଇପାରେ ଯେ ପର୍ଯ୍ୟାପ୍ତ ବ୍ୟବସାୟ ନଥିଲେ ମଧ୍ୟ ଜାତୀୟ ସଂହତି ଏବଂ ସନ୍ତୁଳିତ ବିକାଶ ପାଇଁ ଅପେକ୍ଷାକୃତ ଅନୁନ୍ନତ ଅଞ୍ଚଳମାନଙ୍କ ପାଇଁ ଅଗ୍ରାଧିକାର ଭିତ୍ତିରେ ଯଦି ଭାରତ ସରକାର ଚିନ୍ତା କରିପାରୁଛନ୍ତି ଏବଂ ଆସାମ, ତାମିଲନାଡୁ ଏବଂ ପଶ୍ଚିମବଙ୍ଗ ପ୍ରଭୃତି ରାଜ୍ୟମାନଙ୍କ ପ୍ରତି ଏ ନ୍ୟାୟ ଲାଗୁକରି ପାରୁଛନ୍ତି ଓଡ଼ିଶା ବା କାହିଁକି ସେଥିରୁ ବଞ୍ଚିତ ହେବ ? ସବୁଠାରୁ ଉଦ୍‌ବେଗର ବିଷୟ ହେଲା ଯେ, ଆମେ ସବୁ ଏମ୍.ପି., ବିଧାୟକ, ଚିନ୍ତାଶୀଳ ବୁଦ୍ଧିଜୀବୀ ଓ ସମ୍ପାଦକ ମାନେ ଭାବୁଛୁ ଓଡ଼ିଶା ପାଇଁ ସ୍ୱର ଉତ୍ତୋଳନ କରିବା ଏବଂ ଓଡ଼ିଶାକୁ ଆଗେଇ ନେବା କେବଳ ମୁଖ୍ୟମନ୍ତ୍ରୀଙ୍କର ଏକକ ଦାୟିତ୍ୱ। ଆମର କାହାରି ସେ ବିଷୟରେ କିଛି କରିବାର ବା କହିବାର ନାହିଁ। ଆମର ସବୁ ଅବହେଳା ପାଇଁ ତାଙ୍କୁ ହିଁ ବ୍ୟକ୍ତିଗତ ଭାବରେ ଦାୟୀ କରିବା ଏକ ଜାତୀୟ ଅଭ୍ୟାସରେ ପରିଣତ ହେଲାଣି। କିନ୍ତୁ ଆମ ପ୍ରତି ଅବହେଳା ଯେ ଆମ ଅଚେତନତା ଯୋଗୁଁ ସମ୍ଭବ ହେଉଛି, ଏକଥା କେହି କେବେ ଚିନ୍ତା କରୁଛନ୍ତି କି ?